# NATIONAL NEWS BULLETIN (ODIA)

**26 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଗୁଜୁରାଟର ହଂସଲ୍‌ପୁର ଠାରେ ହାଇବ୍ରିଡ୍ ବ୍ୟାଟେରୀ ଇଲେକ୍ଟ୍ରୋଡ୍‌ର ସ୍ଥାନୀୟ ଉତ୍ପାଦକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।
- ଭାରତର ନିଜସ୍ୱ ସୁଦର୍ଶନ ଚକ୍ର ଉଭୟ ସାମରିକ ଓ ବେସାମରିକ କ୍ଷେତ୍ରରେ ସୁରକ୍ଷା ଦେବ - କହିଲେ ପ୍ରତିରକ୍ଷା ମୁଖ୍ୟ ।
- ସର୍ଦ୍ଦାର ପଟେଲ୍, ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଏବଂ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତିନୋଟି କମିଟି ଗଠିତ ।

ଏବଂ

- ପୁରୁଷ ଏସିଆ କପ୍ ହକି ପ୍ରତିଯୋଗିତା ଦେଖିବା ପାଇଁ କୌଣସି ଟିକଟ ପଡ଼ିବ ନାହିଁ ବୋଲି ଘୋଷଣା କଲା ହକି ଇଣ୍ଡିଆ ।

## ପିଏମ୍-ଗୁଜୁରାଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ଅହମ୍ମଦାବାଦ ନିକଟବର୍ତ୍ତୀ ହଂସଲପୁର ଠାରେ ହାଇବ୍ରିଡ୍ ବ୍ୟାଟେରୀ ଇଲେକ୍ଟ୍ରୋଡ୍‌ର ସ୍ଥାନୀୟ ଉତ୍ପାଦନକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ ଇଲେକ୍ଟ୍ରିକ ବ୍ୟାଟେରୀ ଚାଳିତ ଯାନ ଇ-ଭିଟାରାର ଶୁଭାରମ୍ଭ କରିଛନ୍ତି । ଏହି ଯାନ ୧୦୦ଟି ଦେଶକୁ ରପ୍ତାନୀର ଶୁଭାରମ୍ଭ କରିବା ସହ ଶ୍ରୀ ମୋଦୀ ହଂସଲପୁରଠାରେ ଥିବା ସୁଜୁକି ମୋଟର ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଭାରତରେ ନିର୍ମିତ ସୁଜୁକିର ପ୍ରଥମ ବିଶ୍ୱସ୍ତରୀୟ ରଣନୈତିକ ବ୍ୟାଟେରୀଯୁକ୍ତ ବୈଦ୍ୟୁତିକ ଯାନର ଶୁଭାରମ୍ଭ କରିଛନ୍ତି । ୟୁରୋପ ଏବଂ ଜାପାନ୍ ଭଳି ପ୍ରମୁଖ ବଜାର ସମେତ ୧୦୦ରୁ ଅଧିକ ଦେଶକୁ ଏହି ଯାନ ରପ୍ତାନୀ କରାଯିବ । ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପଦକ୍ଷେପ ସ୍ୱରୂପ ଟି.ଡି.ଏସ୍. ଲିଥିଅମ୍-ଆୟନ୍ ବ୍ୟାଟେରୀ ପ୍ଲାଣ୍ଟରେ ପ୍ରଧାନମନ୍ତ୍ରୀ ହାଇବ୍ରିଡ୍ ବ୍ୟାଟେରୀ ଇଲେକ୍ଟ୍ରୋଡ୍‌ର ସ୍ଥାନୀୟ ଉତ୍ପାଦନର ଉଦ୍‌ଘାଟନ କରିଛନ୍ତି । ଏହି ପଦକ୍ଷେପ ଘରୋଇ ଉତ୍ପାଦନକୁ ତ୍ୱରାନ୍ୱିତ କରିବା ସହିତ ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଦେଶରେ ସବୁଜ ଶକ୍ତି ଉତ୍ପାଦନକୁ ଏହା ସୁଦୃଢ଼ କରିବ ।

**V/O-(PM-Make in India)**

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଭାରତର ଆତ୍ମନିର୍ଭରଶୀଳତା ଲକ୍ଷ୍ୟ ହାସଲ ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ଭାରତର ବ୍ୟାଟେରୀ ଇକୋ ସିଷ୍ଟମକୁ ଆହୁରି ବିକଶିତ କରିବା ଲାଗି ଏହି ପଦକ୍ଷେପ ସହାୟକ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O-(PM-Suzuki)**

# ସିଡିଏସ୍-ରଣ ସମ୍ବାଦ

ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ କହିଛନ୍ତି ଭାରତର ନିଜସ୍ୱ ସୁଦର୍ଶନ ଚକ୍ର ଉଭୟ ବେସାମରିକ ଏବଂ ରାଷ୍ଟ୍ରୀୟ ମହତ୍ୱ ରଖୁଥିବା ସ୍ଥାନଗୁଡ଼ିକୁ ସୁରକ୍ଷା ଦେବ । ଦୁଇଦିନିଆ ଯୁଦ୍ଧ ଆଲୋଚନା ରଣସମ୍ବାଦ ୨୦୨୫କୁ ସମ୍ବୋଧିତ କରି ସେ ଏହା କହିଛନ୍ତି । ଆଜି ମଧ୍ୟପ୍ରଦେଶର

ଆର୍ମିୱ୍ୱାର୍ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜେନେରାଲ ଚୌହ୍ୱାନ କହିଛନ୍ତି ଶତ୍ରୁପକ୍ଷର ସଠିକ୍ ମୁକାବିଲା ଲାଗି ରଣକୌଶଳ ପ୍ରୟୋଗ କରାଯାଇ ଏଭଳି ଅସ୍ତ୍ରଶସ୍ତ୍ର ନିର୍ମାଣ କରାଯାଉଛି ଯାହା ଭାରତକୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇଦେବ । ଅପରେସନ ସିନ୍ଦୂରରୁ ଯେଉଁ ଶିକ୍ଷା ମିଳିଛି ସେ ସବୁକୁ ଦୂର କରିବା ଲାଗି ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରାଯାଉଛି ବୋଲି ଜେନେରାଲ ଚୌହ୍ୱାନ କହିଛନ୍ତି । ସେ କହିଛନ୍ତି ଭାରତ ଏକ ଶାନ୍ତିପ୍ରିୟ ଦେଶ; କିନ୍ତୁ ବିପଦ ସମୟରେ ଶତ୍ରୁପକ୍ଷର ମୁକାବିଲା ଦିଗରେ ସବୁବେଳେ ପ୍ରସ୍ତୁତ । ଆଗାମୀ ଦିନରେ ଯୁଦ୍ଧକ୍ଷେତ୍ରରେ ତ୍ୱରିତ ଢ଼ଙ୍ଗରେ କାର୍ଯ୍ୟ କରୁଥିବା ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ରହିଥିବା ସେ କହିଛନ୍ତି । ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରତାର ଗୁରୁତ୍ୱ ପ୍ରତିପାଦନ କରିବାକୁ ଯାଇ ଜେନେରାଲ ଚୌହ୍ୱାନ କହିଛନ୍ତି କୃତ୍ରିମ ବୁଦ୍ଧିମତା ସହ ସାଇବର ଏବଂ କ୍ୱାଣ୍ଟମ ଜ୍ଞାନକୌଶଳର ସମନ୍ୱୟ କରାଯାଇ ନୂଆ ପ୍ରତିରକ୍ଷା ବ୍ୟବସ୍ଥା ଗଠନ କରାଯାଉଛି ।

## ଗଭ୍ କମିଟି

ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଓ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳନକୁ ଦୃଷ୍ଟିରେ ରଖି ସରକାର ତିନୋଟି ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ସଂସ୍କୃତି ମନ୍ତ୍ରଣାଳୟ ଦେଇଥିବା ସୂଚନା

ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏହି ତିନୋଟିଯାକ କମିଟି ଗଠନ କରାଯାଇଛି । ଦେଶରେ ଏହିସବୁ ସ୍ମୃତି ସମାରୋହ ପାଳନ ନେଇ ଯୋଜନା, କାର୍ଯ୍ୟକ୍ରମ ପରିଚାଳନା, ତଦାରଖ ତଥା ମାର୍ଗ ଦର୍ଶନର ଦାୟିତ୍ୱ କମିଟି ନିର୍ବାହ କରିବ ।

୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ଗୁଜରାଟର ନାଦିଆଦ୍ ଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜନ୍ମଗ୍ରହଣ କରିଥିଲେ । ଦେଶର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ସର୍ଦ୍ଦାର ପଟେଲ ସ୍ୱଳ୍ପ ସମୟ ମଧ୍ୟରେ ୫୬୫ଟି ଗଡ଼ଯାତ ରାଜ୍ୟକୁ ଭାରତ ସଂଘରେ ସାମିଲ କରି ଅଭୁତପୂର୍ବ ସଫଳତା ହାସଲ କରିଥିଲେ ।

ଆଦିବାସୀଙ୍କ ପ୍ରତୀକ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ନେତୃତ୍ୱରେ ଉଲ୍‌ଗୁଲାନ୍ ପଦକ୍ଷେପ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଆଦିବାସୀ ଆନ୍ଦୋଳନକୁ ତୀବ୍ର କରିଥିଲା ।

ପ୍ରଧାନମନ୍ତ୍ରୀ ଭାବେ ତିନିଥର ଦାୟିତ୍ୱ ନିର୍ବାହ କରିଥିବା ଅଟଳ ବିହାରୀ ବାଜପେୟୀ ଜଣେ ବିଶିଷ୍ଟ କବି, ଲେଖକ ଏବଂ ରାଜନେତା ଭାବେ ସର୍ବଜନ ବିଦିତ ଥିଲେ । ତାଙ୍କ ଜନ୍ମ ବାର୍ଷିକୀ ଡିସେମ୍ବର ୨୫ ତାରିଖକୁ ସମଗ୍ର ଦେଶରେ ସୁ-ଶାସନ ଦିବସ ଭାବରେ ପାଳନ କରାଯାଇଥାଏ । ୨୦୧୫ରେ ଶ୍ରୀ ବାଜପେୟୀଙ୍କୁ ଦେଶର ସର୍ବୋଚ୍ଚ ନାଗରୀକ ସମ୍ମାନ ଭାରତ ରତ୍ନରେ ସମ୍ମାନିତ କରାଯାଇଥିଲା ।

# ଏନ୍‌ଏଚ୍‌ଆର୍‌ସି - ଦିଲ୍ଲୀ

ଦିଲ୍ଲୀର ଦରିଆଗଞ୍ଜ ଅଞ୍ଚଳରେ ଏକ କୋଠା ଭୁଶୁଡି ୩ଜଣ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନ ନୋଟିସ୍ ଜାରି କରିଛନ୍ତି । ଦିଲ୍ଲୀର ମୁଖ୍ୟ ଶାସନ ସଚିବ, ପୌର ନିଗମ ସଚିବ ଏବଂ କେନ୍ଦ୍ରୀୟ ଦିଲ୍ଲୀ ପୋଲିସ ଉପକମିଶନରଙ୍କୁ ନୋଟିସ୍ ଜାରି କରାଯାଇଛି । ମାନବାଧିକାର କମିଶନ ଗଣମାଧମରୁ ଏ ସମ୍ପର୍କିତ ସୂଚନା ପାଇବା ପରେ ନିଜଆଡ୍ରୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ୨ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

# ଟାଇଫୁନ୍ କାଜିକି

ଭିଏତ୍‌ନାମର ଦକ୍ଷିଣ ଏବଂ କେନ୍ଦ୍ରୀୟ ଅଞ୍ଚଳରେ ସାମୁଦ୍ରିକ ଝଡ଼ କାଜିକି ପ୍ରଭାବରେ ୩ଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ୧୦ଜଣ ଆହତ ହୋଇଥିବା ସୂଚନା ମିଳିଛି । ଏହି ଝଡ଼ ଯୋଗୁଁ ପ୍ରବଳ ବର୍ଷା ଏବଂ ପବନ ବହିବା ସହ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି । ଭିଏତ୍‌ନାମର କୃଷି ଏବଂ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କାଜିକି ପ୍ରଭାବରେ ୬ହଜର ୮୦୦ରୁ ଅଧିକ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବାବେଳେ ପ୍ରାୟ ୩୧ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି । ଏହି ସାମୁଦ୍ରିକ ଝଡ଼ରେ ୧୮ହଜାରରୁ ଅଧିକ ଗଛ ଉପୁଡ଼ି ପଡିଛି ।

ଅନ୍ୟପକ୍ଷରେ ଶକ୍ତି ଭିତ୍ତିଭୂମି ମଧ୍ୟ କ୍ଷତିର ସମ୍ମୁଖୀନ ହୋଇଛି । ପ୍ରାୟ ୩୩୧ଟି ଇଲେକ୍ଟ୍ରିକ ଖୁଣ୍ଟି ଉପୁଡ଼ି ପଡ଼ିବା ସହ ୧୩ଲକ୍ଷରୁ ଅଧିକ ଲୋକ ଶକ୍ତି ସଙ୍କଟର ସାମ୍ନା କରୁଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ ଏବଂ ପୁନଃ ସଂରଚନା କାର୍ଯ୍ୟ ଜାରି ରହିଛି ।

## ପାକ୍-ଫ୍ଲଡ କ୍ରାଇସିସ୍

ପାକିସ୍ତାନର ଖାଇବର ପଖ୍ତୁନଖ୍ୱା ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହୋଇଛି । ଫଳରେ ସେଠାକାର ଚାଷଜମି ସମେତ ବାସଗୃହ ଓ ଅନେକ ଭିତ୍ତିଭୂମି ନଷ୍ଟ ହୋଇଥିବା ଖବର ମିଳିଛି । ଚଳିତମାସ ୧୫ ତାରିଖ ପରଠାରୁ ପ୍ରାକୃତିକ ବିପର୍ଯ୍ୟୟରେ ୪୦୦ରୁ ଅଧିକ ଲୋକ ନିଖୋଜ ଥିବା କୁହାଯାଇଛି । ବନ୍ୟାଜନିତ ବିଭୀଷିକା ପରେ ସେହି ଅଞ୍ଚଳରେ ଜଳବାହିତ ରୋଗ ଓ ଚର୍ମରୋଗ ବୃଦ୍ଧି ପାଇଛି । ସୂଚନା ମୁତାବକ ହଇଜା, ଗ୍ୟାଷ୍ଟ୍ରିକ୍, ଡେଙ୍ଗୁ ଏବଂ ମେଲେରିଆ ଭଳି ରୋଗ ବୃଦ୍ଧି ପାଇବାରେ ଲାଗିଛି । ପାକିସ୍ତାନ ସରକାର ଏବଂ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ପକ୍ଷରୁ ସେଠାରେ ସ୍ଥାପନ କରାଯାଇଥିବା ମେଡ଼ିକାଲ କ୍ୟାମ୍ପରେ ଅନେକ ଲୋକ ଚିକିତ୍ସିତ ହେଉଛନ୍ତି ।

## ଇଡି-ପିଏମ୍‌ଏଲ୍‌ଏ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇଡି ଧାରା ୧୭ ଅନୁଯାୟୀ ବେଆଇନ୍ ଅର୍ଥ କାରବାର ଅଭିଯୋଗରେ ଦିଲ୍ଲୀ ଏନ୍‌ସିଆର୍ ଅଞ୍ଚଳର ୧୩ଟି ସ୍ଥାନରେ ଚଢ଼ଉ କରିଛି । ଦିଲ୍ଲୀର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ବାସଭବନ ଉପରେ ଚଢ଼ଉ କରାଯାଇଥିବା ସୂଚନା ମିଳିଛି । ଦିଲ୍ଲୀରେ ହସ୍ପିଟାଲ ନିର୍ମାଣ କାର୍ଯ୍ୟରେ ହୋଇଥିବା ଆର୍ଥିକ ଅନିୟମିତତା ଅଭିଯୋଗ ନେଇ ଏହି ଚଢ଼ଉ କରାଯାଉଥିବା କୁହାଯାଇଛି ।

## ହକି ଇଣ୍ଡିଆ ଟିକଟ

ପୁରୁଷ ଏସିଆ କପ୍ ହକି ପ୍ରତିଯୋଗିତା ୨୦୨୫ ନିମନ୍ତେ ସମସ୍ତ ମ୍ୟାଚ୍ ଦେଖିବା ଲାଗି କୌଣସି ଟିକଟ କ୍ରୟ କରିବାକୁ ପଡିବ ନାହିଁ ବୋଲି ହକି ଇଣ୍ଡିଆ ଘୋଷଣା କରିଛି । ଚଳିତମାସ ୨୯ ତାରିଖରୁ ସେପ୍ଟେର ୭ ତାରିଖ ପର୍ଯ୍ୟନ୍ତ ବିହାରର ନବନିର୍ମିତ ରାଜଗିର୍ ହକି ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଭାରତ, ଜାପାନ, ଚାଇନା, କାଜାଖସ୍ତାନ, ମାଲେସିଆ, କୋରିଆ, ବାଂଲାଦେଶ ଏବଂ ଚାଇନିଜ୍ ତାଇପେଇ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରତିଯୋଗିତାରେ ଯେଉଁ ଦଳ ବିଜୟୀ ହେବେ ସେମାନେ ୨୦୨୬ ମସିହାରେ ହେବାକୁ ଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ । ପୁଲ୍-

ଏରେ ଭାରତ, ଜାପାନ, ଚାଇନା ଏବଂ କାଜାଖସ୍ତାନ ରହିଛନ୍ତି । ଆସନ୍ତା ୨୯ ତାରିଖରେ ଭାରତ ଚାଇନା ବିରୁଦ୍ଧରେ ଖେଳିବାକୁ ଥିବାବେଳେ ଅଗଷ୍ଟ ୩୧ରେ ଜାପାନ ଏବଂ ସେପ୍ଟେମ୍ବର ୧ ତାରିଖରେ କାଜାଖସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବ । ଭାରତୀୟ ହକି ପାଇଁ ଏହି ପ୍ରତିଯୋଗିତା ଏକ ଐତିହାସିକ ମୁହୂର୍ତ୍ତ ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ଦିଲ୍ଲୀପ ତିର୍କୀ କହିଛନ୍ତି ।

## ୟୁଏସ୍-ଓପନ

ୟୁଏସ୍ ଓପନ ଟେନିସ୍ ପ୍ରତିଯୋଗିତାରେ କାର୍ଲୋସ ଆଲାକରାଜ ଆମେରିକାର ରିଏଲି ଓପେଲକାଙ୍କୁ ସିଧାସଳଖ ୬-୪, ୭-୫ ଓ ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ଆଲାକରାଜ ଇଟାଲୀର ମାଟିଆ ବେଲୁସିଙ୍କ ବିପକ୍ଷରେ ମୁକାବିଲା କରିବେ ।

ଇତିମଧ୍ୟରେ ୨୦୨୨ ମସିହାର ଫାଇନାଲକୁ ଉନ୍ନୀତ ହୋଇଥିବା ନରୱେର କାସପର ରୁଟ୍, ଅଷ୍ଟ୍ରିଆର ସେବାସ୍ତିଆନ ଅଫନରଙ୍କୁ ୬-୧, ୬-୨ ଓ ୭-୬ରେ ପରାସ୍ତ କରିଛନ୍ତି । ସେ ବେଲ୍‌ଜିୟମର ରାଫେଲ କଲିଙ୍ଗନନଙ୍କ ବିପକ୍ଷରେ ମୁକାବିଲା କରିବେ ।